# Akashvani, Sambalpur

## SAMBALPURI NEWS BULLETIN

### 13 July 2025- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ- ରାଷ୍ଟ୍ରପତି ସାକ୍ଷାତ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ୍ ସାକ୍ଷାତ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରାଜ୍ୟର୍ ବିକାଶ୍ ଯାତ୍ରା ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ସର୍‌କାର୍‌ଙ୍କର୍ ରୋଡ୍ ମେପ୍ ଆଉ କେନ୍ଦ୍ର ଆଉ ରାଜ୍ୟ ତାଲ୍‌ମେଲ୍‌ଥି ଓଡ଼ିଶାର୍ ବିକାଶ୍‌କେ ଆହୁରି କେନ୍ତାକରି ବର୍‌କସ୍ କରିହେବା ସେ ବାବ୍‌ଦେ ଆଲୋଚନା କର୍‌ବାର୍ ସହେତେ ରାଷ୍ଟ୍ରପତିଙ୍କୁ ଓଡ଼ିଶା ଭିଜନ୍ -୨୦୩୬ ଆଉ ୨୦୪୭ ରିପୋର୍ଟ ଦେଇଥିବାର୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍‌ନା ଦେଇଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ନାଇଜର       ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଦିନେ ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ଜ୍ଞାନ୍‌ର କେନ୍ଦ୍ର ହେବା ଆଉ ଇଥିର୍‌ଲାଗି ଆମର୍ ସହେତେ ଭର୍‌ପୁର୍ ସମ୍ଭାବନା ଆଉ ଯୁବାଶକ୍ତି

ରହିଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଜଟଣୀ ନ ଥିବା ଜାତୀୟ ବିଜ୍ଞାନ୍ ଶିକ୍ଷା ଆଉ ଗବେଷଣା ପ୍ରତିଷ୍ଠାନ୍ - ନାଇଜର୍‌ର ୧୪ ନମ୍ବର୍ ସ୍ନାତକ ସମାରୋହଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ ଯୋଗ୍ ଦେଇକରି କହିଛନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଶତାବ୍ଦୀଥି ଜ୍ଞାନ ଭିତିକ ଅର୍ଥନୀତିର୍ ପରିକଳ୍ପନା କରିଛନ୍ ଆଉ ଇଥିର୍‌ଲାଗି ୫୦ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ନେସ୍‌ନାଲ୍ ରିସର୍ଚ୍ଚ ଫାଉଣ୍ଡେସନ୍ ଗଠନ୍ କରାଯାଇଛେ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ପ୍ରତିଷ୍ଠାନ୍‌ର ଜୀବବିଜ୍ଞାନ୍ ବିଭାଗ୍‌ର ନୂଆଁ ଜାତୀୟ ପଶୁ ଗବେଷଣା ପ୍ରୟୋଗ୍‌ଶାଲା କେନ୍ଦ୍ରକେ ଉଦ୍‌ଘାଟନ୍ କରିଥିଲେ ।

ଅନୁ ଗର୍ଗ-ପିପିଲି ପରିଦର୍ଶନ୍ I&PR

ଉନ୍ନୟନ କମିଶନର୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଚାନ୍ଦୁଆ ଶିଳ୍ପ ଲାଗି ପ୍ରସିଦ୍ଧ ପୁରୀ ଜିଲ୍ଲାର୍ ପିପିଲି ପରିଦର୍ଶନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀମତୀ ଗର୍ଗ ପିପିଲି ହସ୍ତଶିଳ୍ପ କାରିଗରୀ ଆଉ କାରିଗର୍‌ମାନ୍‌କର୍ ସାମଗ୍ରିକ୍ ବିକାଶ୍ ବାବ୍‌ଦେ ସେନର୍ କାରିଗର୍‌ମାନ୍‌କର୍ ସହେତେ ଆଲୋଚନା କରିଛନ୍ । ଇ ଶିଳ୍ପଥି ବେଭାର୍ କରାଯାଉଥିବା କଁଚାମାଲ୍ ଯୁଗାବାର୍, କାରିଗର୍ ମାନ୍‌କର୍ ତର୍‌ଫୁ ତିଆର୍ ହେଉଥିବା ଦରବ୍‌ର ବିକ୍ରି ଲାଗି ବଜାର୍ ସୁବିଧା, କଳାର

ପ୍ରଶିକ୍ଷଣ୍ ବାଗିର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ଭୁବ୍‌ନେଶ୍ୱର୍‌ନୁ ଶ୍ରୀକ୍ଷେତ୍ର ପୁରୀ ରାସ୍ତାଥି ଥିବା ପିପିଲି ଆଏବା ଦିନେ ଦେଶର୍ ଚାନ୍ଦୁଆ ହବ୍ ହେବାର୍ ସହେତେ ପର୍ଯ୍ୟଟନ୍ କ୍ଷେତ୍ରଥି ବଡ଼ ଭୂମିକା ନେବା ବଲି ଶ୍ରୀମତୀ ଗର୍ଗ ତାଙ୍କର୍ ଗସ୍ତ ସମିଆଥି କହିଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି I&PR

ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପିଏମ୍ କିଷାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ କିଷାନ୍ ଯୋଜ୍‌ନାଥି ଅନ୍ତର୍ଭୁକ୍ତ ନାଇଁ ହେଇଥିବା ସିଏମ୍ କିଷାନ୍ ହିତାଧିକାରୀମାନେ ଯୋଜ୍‌ନାର୍ ସାହାଜ୍ ଜାରି ରଖିବାର୍ ଲାଗି ବେଙ୍କ୍ ଖାତା ସହେତେ ଆଧାର୍ ସଂଯୋଗୀକରଣ୍ ଆଉ କୃଷକ୍ ଓଡ଼ିଶା ପୋର୍ଟାଲ୍ cmkisan.odisha.gov.in ଥି ପଞ୍ଜିକରଣ୍ କର୍‌ବାର୍ ଲାଗି ବାଧ୍ୟତାମୂଲକ୍ କରାଯାଇଛେ । ଇ ପଞ୍ଜିକରଣ୍‌ର ଶେଷ୍ ତାରିଖ୍

ସେପ୍ଟେମ୍ବର୍ ୭ ତାରିଖ୍‌କେ ରଖାଯାଇଛେ । ହିତାଧିକାରୀମାନେ ଆଧାର୍ ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଏ ଇ-କେୱାଇସି କରେଇ ନେବାର୍ ଲାଗି କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ବିଏଡ୍ ନାଁଲେଖା                    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରୀୟ ଶିକ୍ଷା ଅନୁସନ୍ଧାନ୍ ଆଉ ପ୍ରଶିକ୍ଷଣ୍ ପରିଷଦ୍ - ଏନ୍‌ସିଇଆର୍‌ଟି ତର୍‌ଫୁ ବିଏଡ୍ ନାଁଲେଖା ଲାଗି ଏକକ ପ୍ରବେଶିକା ପରୀକ୍ଷା ଆଏଜ୍ ହେବା ।  ଦେଶର୍ ୮୦ ଟା ପରୀକ୍ଷା କେନ୍ଦ୍ର ନ ସିବିଟି ଜରିଏ ଇ ପରୀକ୍ଷା ହେବା । ସେଥୁ ଓଡ଼ିଶା ନ ୪୪ ଟା ପରୀକ୍ଷା କେନ୍ଦ୍ର ରହିଛେ । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ଆଂଚଳିକ୍ ଶିକ୍ଷା ପ୍ରତିଷ୍ଠାନ୍‌କେ ନୋଡ଼ାଲ୍ କେନ୍ଦ୍ର ଭାବେ ବଛାଯାଇଛେ ।

ପତ୍ର ମାଧ୍ୟମ ଶିକ୍ଷା ପାଠ୍ୟକ୍ରମ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ପତ୍ର ମାଧ୍ୟମ ଶିକ୍ଷା ପାଠ୍ୟକ୍ରମ୍ ୨୦୨୫-୨୬ ବଛ୍‌ରେ ନାଁ ଲେଖାବାର୍ ଲାଗି ଆଏବାକାଏଲ୍ ଠାନୁ ଆବେଦନ୍ ପ୍ରକ୍ରିୟା ମୁଲ୍ ହେବା । ଇ ବାବଦ୍ ସବୁ ତଥ୍ୟ ପରିଷଦ୍‌ର ୱେବ୍‌ସାଇଟ୍‌ଥି ମିଲିପାର୍‌ବା ।

ଜିଲ୍ଲାସ୍ତରୀୟ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ ମହାବିଦ୍ୟାଲୟ ପରିସର୍ ନ ଜିଲ୍ଲାସ୍ତରୀୟ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ ଆଉ ୭୬ ନମ୍ବର୍ ବନ ମହୋତ୍ସବ୍ ୨୦୨୫ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀଙ୍କର୍ 'ମା'ର୍ ଲାଗି ଗଛ୍ ଗୁଟେ' ଅଭିଯାନ୍‌ଥି ସାମିଲ୍ ହେଇକରି ସବୁ ନାଗରିକ୍‌ମାନ୍‌କୁ ୫ ଟା ଲେଖା ଗଛ୍ ଜଗାବାର୍‌କେ ଆହ୍ୱାନ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ନୂଆପଡ଼ା ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ଆଉ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ବର୍ଷା ସାହିତ୍ୟ ଆସର୍ - ଶ୍ରାବଣୀ    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ଉଚ୍ଚପ୍ରାଥମିକ୍ ପରିସର୍ ନ ଗଙ୍ଗାଧର୍ ସାରସ୍ୱତ ସମିତି ତର୍‌ଫୁ ଇ ବଛରର୍ ବର୍ଷା ସାହିତ୍ୟ ଆସର୍ - ଶ୍ରାବଣୀ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବର୍ଷା ସହେତେ ସାହିତ୍ୟର୍ ନିବିଡ଼ ସମ୍ପର୍କ ବାବ୍‌ଦେ କବିମାନେ ନିଜର୍ ରଚିତ କବିତା ପାଠ କରିଥିଲେ ।

ଜାତୀୟ ସବ୍‌ଜୁନିୟର୍ ମହିଳା ହକି ଚମ୍ପିଅନ୍‌ସିପ

ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ଖଣ୍ଡ୍ ଠାନେ ଚାଲିଥିବା ୧୫ ନମ୍ବର୍ ଜାତୀୟ ସବ୍‌ଜୁନିୟର୍ ମହିଳା ହକି ଚମ୍ପିଅନ୍‌ସିପ୍‌ଥି ଓଡ଼ିଶା ଆର୍ ଝାର୍‌ଖଣ୍ଡ୍ ଦଲ୍ ଭିତ୍‌ରେ ଆଏବା ୧୪ ତାରିଖ୍ ଦିନ ଫାଇନାଲ୍ ମେଚ୍ ଖେଲାଯିବା । ଗଲାକାଏଲ୍ ହେଇଥିବା ସେମିଫାଇନାଲ୍ ମେଚ୍‌ଥି ଓଡ଼ିଶା ଦଲ୍ ହରିଆନାକେ ୧/ଶୂନ୍ ଗୋଲ୍‌ଥି ଆଉ ଝାର୍‌ଖଣ୍ଡ୍ ଦଲ୍ ମିଜୋରମ୍ ଦଲ୍‌କେ ୧/ଶୂନ୍ ଗୋଲ୍‌ଥି ହରେଇକରି ଫାଇନାଲ୍‌କେ ଯାଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଛତିଶ୍‌ଗଡ୍ ଆଉ ଇତାର୍ ପାଖର୍ ଇଲାକାନୁ ବନିଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ଆଏଜ୍‌ଠାନୁ ରାଜ୍ୟର୍ କେତେଟା ଜାଗା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ବଡ଼ଭାଗି ଇଲାକା ସହେତେ ୧୮ ଟା ଜିଲ୍ଲା ନ ଜବର୍ ଧୁକା ସହେତେ ଚଡ଼କ୍ ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ରାଏଜେ ଜୁନ୍ ୧ ନୁ ଜୁଲାଇ

୧୨ ଭିତ୍‌ରେ ୪ ଶହ ୧୬ ଦଶ୍‌ମିକ୍ ୭ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍    ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଆଏଜ୍ ୧୪ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ହୀରାକୁଦ୍ ଡେମ୍ କର୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାରକେ ଫିଁ’ ସେକେଣ୍ଡ୍‌ଥି ୨ ଲାଖ୍ ୧୪ ହଜାର୍ ୪ ଶହ ୩୬ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୨ ଲାଖ୍ ୪୧ ହଜାର୍ ୬ ଶହ ୫୩ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୬ ଦଶ୍‌ମିକ୍ ୬/୭ ଫୁଟ୍ ରହିଛେ ।